# ଓଡ଼ିଶା ସରକାର

## ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

## ଖାରବେଳ ଭବନ, ଭୁବନେଶ୍ୱର

# "ପ୍ରକୃତି ବନ୍ଧୁ ପୁରସ୍କାର"

## ନିୟମାବଳୀ ଓ ଆବେଦନ ଫର୍ମ

୧. ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ **"ପ୍ରକୃତି ବନ୍ଧୁ ପୁରସ୍କାର"** ପ୍ରବର୍ତ୍ତନ କରାଯାଇଛି । ଏଥିପାଇଁ ମାନପତ୍ର ସହିତ ଟ.୧୦,୦୦୦ଙ୍କା (ଦଶ ହଜାର ଟଙ୍କା) ପୁରସ୍କାର ରାଶି ବ୍ୟବସ୍ଥା ରହିଛି । ଏହି ପୁରସ୍କାରର ମୂଳ ଉଦ୍ଦେଶ୍ୟ ହେଲା–

କ) ପରିବେଶ ସଂରକ୍ଷଣ ଓ ପରିବେଶ ସଚେତନତା ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରିବା ଓ ତାଙ୍କର କାର୍ଯ୍ୟକୁ ଉତ୍ସାହିତ କରିବା ।

ଖ) ବ୍ୟକ୍ତି ସ୍ତରରେ ତାଙ୍କର ଏଭଳି ଉଦ୍ୟମକୁ ଉତ୍ସାହିତ କରିବା ।

ଗ) ତାଙ୍କର ଉଦ୍ୟମ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଦେବା ।

### ୨. ଯୋଗ୍ୟତା

ପ୍ରକୃତି ଓ ପରିବେଶ ସଂରକ୍ଷଣ ଏବଂ ଏହାର ସଚେତନତା ସୃଷ୍ଟିପାଇଁ ଅସୀମ ଭାବରେ ଅବଦାନ ଦେଇଥିବା ପ୍ରତ୍ୟେକ ବ୍ଲକ୍‌ରୁ ଜଣେ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ।

ଜିଲ୍ଲା ପରିବେଶ ସମିତି ଏହି ପୁରସ୍କାର ପାଇଁ ବ୍ୟକ୍ତି ବିଶେଷଙ୍କୁ ଚୟନ କରିବେ ଏବଂ ଜିଲ୍ଲା ସ୍ତରରେ ବିଶ୍ୱ ପରିବେଶ ଦିବସରେ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପୁରସ୍କୃତ କରିବେ । ପୁରସ୍କାର ଅର୍ଥକୁ ପୁରସ୍କାର ପାଇଥିବା ବ୍ୟକ୍ତି ପରିବେଶ ସଂରକ୍ଷଣ ଓ ଏହାର ଉନ୍ନତି ପାଇଁ ଖର୍ଚ୍ଚ କରିପାରିବେ ।

### ୩. ପୁରସ୍କାର ପାଇଁ ଆବଶ୍ୟକୀୟ ଯୋଗ୍ୟତା

ନିମ୍ନଲିଖିତ କ୍ଷେତ୍ରରେ କାର୍ଯ୍ୟର ସଫଳତାକୁ ବିଚାର କରି ବ୍ୟକ୍ତି ବିଶେଷଙ୍କୁ "ପ୍ରକୃତି ବନ୍ଧୁ ପୁରସ୍କାର" ପ୍ରଦାନ କରାଯିବ ।

କ) ନିଜ ଉଦ୍ୟମରେ ବୃକ୍ଷ ରୋପଣ ।

ଖ) ଅନ୍ୟମାନଙ୍କୁ ବୃକ୍ଷରୋପଣ କାର୍ଯ୍ୟ ପାଇଁ ଉତ୍ସାହିତ କରିବା ।

ଗ) ପ୍ରାକୃତିକ ଜଂଗଲର ସୁରକ୍ଷା ଓ ଉଜୁଡ଼ା ଜଙ୍ଗଲର ପୁନଃଉଦ୍ଧାର ।

ଘ) ପକ୍ଷୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ ।

ଙ) ଅକ୍ଷୟ ଶକ୍ତି ଉତ୍ସର ବ୍ୟବହାର ଏବଂ ତା'ସହିତ ପ୍ରଚଳିତ ଶକ୍ତି ଉତ୍ସକୁ ଲୋକପ୍ରିୟ କରିବା ।

ଚ) ଜଳ ଓ ମୃତ୍ତିକା ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ ।

ଛ) ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜନସଚେତନତା କାର୍ଯ୍ୟ ହାତକୁ ନେବା ।

ଜ) ଯଥାର୍ଥ ଓ ସଠିକ୍ କାରିଗରୀ ବିଦ୍ୟା ପ୍ରଗତିକୁ ଲୋକପ୍ରିୟ କରିବା ।

ଝ) ପ୍ରାଚୀନ କୀର୍ତ୍ତୀମାନଙ୍କର ସଂରକ୍ଷଣ ।

ଞ) ପାଠଚକ୍ର, କର୍ମଶାଳା, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ବକ୍ତୃତା, ସଂଗୀତ, ଆବୃତ୍ତି, ପ୍ରକାଶନ, ପ୍ରଚାରପତ୍ର ଇତ୍ୟାଦି ଆୟୋଜନ କରି ଜନସାଧାରଣଙ୍କୁ ସଚେତନ କରିବା ।

ଟ) ବିରଳ ଉଦ୍ଭିଦ ଓ ଜୀବଜନ୍ତୁଙ୍କ ସଂରକ୍ଷଣ ।

ଠ) ମନୁଷ୍ୟ ଓ ଜୀବଜନ୍ତୁଙ୍କ ବାସସ୍ଥାନର ଉନ୍ନତି ।

ଡ) ଜଳବାୟୁ ପରିବର୍ତ୍ତନ ସହ ଖାପଖୁଆଇ ଚାଲିବା ଓ ଏହାର ପ୍ରଭାବକୁ ହ୍ରାସ କରିବା ଦିଗରେ କାର୍ଯ୍ୟ କରିବା ।

ଢ) ଆବର୍ଜନା ଓ ଅନ୍ୟାନ୍ୟ ଅଦରକାରୀ ପଦାର୍ଥକୁ ବ୍ୟବହାର କରି ଉପଯୋଗୀ ପଦାର୍ଥ ଉତ୍ପାଦନ କରିବାର କୌଶଳର ଉଦ୍ଭାବନ ଏବଂ ଏହାର ପ୍ରୟୋଗ ।

ଣ) ବିଭିନ୍ନ ସୂତ୍ରରୁ ସୃଷ୍ଟି ହେଉଥିବା ଦୂଷିତ ପଦାର୍ଥର ପରିମାଣ ହ୍ରାସ କରିବା ଏବଂ ଏହାର ବିକଳ୍ପ ପନ୍ଥା ଉଦ୍ଭାବନ କରିବା ।

ତ) ପ୍ରକୃତି ତଥା ପରିବେଶର କ୍ଷତି କରୁନଥିବା ଜ୍ଞାନକୌଶଳ ପ୍ରବର୍ତ୍ତନ ଓ ଏହାର ପ୍ରସାର (ଉଦାହରଣ ସ୍ୱରୂପ: ରାସାୟନିକ ପଦାର୍ଥର ବିନା ବ୍ୟବହାରରେ ଉନ୍ନତ କୃଷିଜାତ ଦ୍ରବ୍ୟ ଉତ୍ପାଦନ କରିବା) ।

ଥ) ଚାରଣ ଭୂମିର ସୁରକ୍ଷା ଓ ସୃଷ୍ଟି ।

ଦ) ପ୍ରକୃତି ଓ ପରିବେଶ ସଂପର୍କୀତ କ୍ଲବ ବା ସଂଗଠନ ସୃଷ୍ଟି ।

ଧ) ପରିବେଶ ସଂରକ୍ଷଣ ସଂବନ୍ଧୀୟ ସଡକ, କ୍ରୀଡା ଇତ୍ୟାଦିର ପ୍ରସାର ।

ନ) ପ୍ରକୃତି ଓ ପରିବେଶ ସମୃଦ୍ଧି ଓ ସୁରକ୍ଷା କରିବା ପାଇଁ କରିଥିବା ଅନ୍ୟ କୌଣସି କାର୍ଯ୍ୟ ଯାହାକି ଉପରେ ଉଲ୍ଲେଖ ହୋଇନାହିଁ, ଜଣେ ବ୍ୟକ୍ତି, ସେ ପୁରୁଷ ହୁଅନ୍ତୁ ବା ମହିଳା ହୁଅନ୍ତୁ, ଉପରୋକ୍ତ ସମସ୍ତ କ୍ଷେତ୍ର ବା ଅଳ୍ପ କେତେକ କ୍ଷେତ୍ରରେ କାର୍ଯ୍ୟ କରିଥିଲେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇ ପାରିବେ ।

## ୪. ଚୟନ ପ୍ରଣାଳୀ:

କ) ସ୍ଥାନୀୟ ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ସ୍ୱାସ୍ଥ୍ୟ, କୃଷି, ବ୍ଲକ୍ ଉନ୍ନୟନ  କାର୍ଯ୍ୟାଳୟ, ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଇତ୍ୟାଦି ବିଭାଗର ଅଧିକାରୀମାନେ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧିକାରୀମାନେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଏହି ପୁରସ୍କାର ପାଇଁ ସେମାନଙ୍କର ମନୋନୟନ ସୁପାରିଶ କରି ପାରିବେ ।

ଖ) ମନୋନୟନ ମଧ୍ୟରୁ ପ୍ରତ୍ୟେକ ବ୍ଲକ୍ ପାଇଁ ଜିଲ୍ଲା ପରିବେଶ ସମିତି ଜଣେ ଉପଯୁକ୍ତ ପ୍ରକୃତି ବନ୍ଧୁ ବାଛିବେ । ଏଥିପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବିଚାରକ ମଣ୍ଡଳୀ ଗଠନ କରିବେ । ଜିଲ୍ଲା ପରିବେଶ ସମିତିର ସଂପାଦକ ଏହାର ଆବାହକ ରହିବେ ଏବଂ ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ଜଙ୍ଗଲ, ବନ୍ୟଜନ୍ତୁ, ମୃତ୍ତିକା ସଂରକ୍ଷଣ, ସ୍ୱାସ୍ଥ୍ୟ, ଉଦ୍ୟାନ ଇତ୍ୟାଦି ବିଭାଗର ଅଧିକାରୀମାନେ ଏହାର ସଦସ୍ୟ ରହିବେ । ଏହାଛଡ଼ା ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ପରିବେଶ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦୁଇ ବେସରକାରୀ ସଂସ୍ଥାର ପ୍ରତିନିଧି **(ଯେଉଁମାନେ ଏହି ପୁରସ୍କାର ପାଇଁ ମନୋନୀତ ହୋଇ ନଥିବେ)** ଏହି ବିଚାରକ ମଣ୍ଡଳୀର ସଦସ୍ୟ ରହିବେ ।

ଗ) କୌଣସି ବ୍ୟକ୍ତି **ଗତ ୫ବର୍ଷ ମଧ୍ୟରେ** ଏହି ପୁରସ୍କାର ପାଇଥିଲେ ପୁନର୍ବାର ସେହି ବ୍ଲକ୍ ପାଇଁ ମନୋନୀତ ହେବେନାହିଁ ।

ଘ) ସମାନ କାର୍ଯ୍ୟପାଇଁ କୌଣସି ସଂସ୍ଥା/ଅନୁଷ୍ଠାନ ଏବଂ ସେହି ସଂସ୍ଥା/ଅନୁଷ୍ଠାନର ବ୍ୟକ୍ତି ଉଭୟ ପ୍ରକୃତି ମିତ୍ର ଏବଂ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ମନୋନୀତ ହେବେନାହିଁ ।

ଙ) ନିୟମର ବ୍ୟାଖ୍ୟା ଏବଂ ପୁରସ୍କାର ଉପସ୍ଥାପନ ସମ୍ବନ୍ଧରେ ସରକାରଙ୍କ ନିଷ୍ପତ୍ତି ଚୁଡ଼ାନ୍ତ ହେବ ।

ଚ) ଏହି ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତି କୌଣସି ଫୌଜଦାରୀ ମାମଲାରେ ଦଣ୍ଡିତ ହୋଇ ନଥିବେ । ଏଥିପାଇଁ ଆବେଦନକାରୀ ଲିଖିତଭାବେ ଜଣାଇବେ ।

ଛ) **ଆବେଦନକାରୀଙ୍କ ଠାରୁ ଆବଶ୍ୟକୀୟ ତଥ୍ୟ ସହିତ ସଂପୂର୍ଣ୍ଣ ଆବେଦନ ଫର୍ମ ଜିଲ୍ଲା ପରିବେଶ ସମିତି ୧୫ ମାର୍ଚ୍ଚ ୨୦୨୨  ତାରିଖ ପର୍ଯ୍ୟନ୍ତ ଗ୍ରହଣ କରିବେ । ଜିଲ୍ଲା ପରିବେଶ ସମିତି ମନୋନୟନ ପ୍ରକ୍ରିୟା ସଂପୂର୍ଣ୍ଣ କରି ୩୧ ମାର୍ଚ୍ଚ ୨୦୨୨  ସୁଦ୍ଧା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ପଠାଇବେ । ଏହା ସହିତ ମନୋନୀତ ହୋଇଥିବା ବ୍ୟକ୍ତିଙ୍କ ଆବେଦନ ଫର୍ମର ନକଲ ପଠାଇବେ ।**

# ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ଆବେଦନ ଫର୍ମ

## (୨୦୨୧-୨୨)

## (ସମସ୍ତ ତଥ୍ୟ ପୂରଣ ନକଲେ ଆବେଦନ ଫର୍ମ ବିଚାରକୁ ନିଆଯିବ ନାହିଁ)

୧. ଆବେଦନକାରୀଙ୍କ ନାମ, ସଂପୂର୍ଣ୍ଣ ଡାକ ଠିକଣା, ଟେଲିଫୋନ୍ ନମ୍ବର, ଇ-ମେଲ୍ ଓ ଆଧାର ନମ୍ବର/ଭୋଟର ପରିଚୟ ପତ୍ରର ନମ୍ବର (ଆଧାର କାର୍ଡ/ଭୋଟର ପରିଚୟ ପତ୍ରର ନକଲ ସଲଗ୍ନ କରନ୍ତୁ):

୨. କେଉଁ ବ୍ଲକ୍ ପାଇଁ ଆବେଦନ କରୁଛନ୍ତି :

୩. ଆବେଦନକାରୀଙ୍କ ସଂକ୍ଷିପ୍ତ ଜୀବନୀ ସୂଚନା:

୪. ଆବେଦନକାରୀଙ୍କ ବର୍ତ୍ତମାନର ପେଷା:

୫. ପୂର୍ବରୁ ଅନ୍ୟ କୌଣସି ପୁରସ୍କାର / ଉପାଧି ପାଇଥିଲେ ତାହାର ସଂକ୍ଷିପ୍ତ ବିବରଣୀ:

୬. ପରିବେଶ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଆବେଦନକାରୀଙ୍କ ଉଲ୍ଲେଖନୀୟ କାର୍ଯ୍ୟକ୍ରମର ସୂଚନା ( ୨୫୦ଶବ୍ଦ ମଧ୍ୟରେ):

୭. ଆବେଦନକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟର ସଂପୂର୍ଣ୍ଣ ବିବରଣୀ ଯଥା- ଆକାଉଣ୍ଟଧାରୀଙ୍କ ନାମ, ଆକାଉଣ୍ଟ ନମ୍ବର, ବ୍ୟାଙ୍କ ଶାଖା, ଆଇ.ଏଫ୍.ସି.କୋଡ୍ । (ବ୍ୟାଙ୍କ୍ ପାସ୍‌ବୁକ୍ ପ୍ରଥମ ପୃଷ୍ଠାର ନକଲ ସଲଗ୍ନ କରନ୍ତୁ):

**ଆବେଦନକାରୀଙ୍କ ସ୍ୱାକ୍ଷର**

---

ପୁରସ୍କାର ପାଇଁ ବ୍ୟକ୍ତିଙ୍କୁ ମନୋନୀତ କରୁଥିବା ଅଧିକାରୀଙ୍କ ନାମ / ପଦବୀ / ସ୍ୱାକ୍ଷର ସଂପୂର୍ଣ୍ଣ ଠିକଣା ସହିତ:

ବିଦ୍ର: ପରିବେଶ ସୁରକ୍ଷା / ସଂରକ୍ଷଣ କ୍ଷେତ୍ରରେ ମନୋନୀତ ବ୍ୟକ୍ତିଙ୍କ କାର୍ଯ୍ୟକ୍ରମ ସଂପର୍କରେ ପ୍ରକାଶିତ ସମ୍ବାଦପତ୍ର ଅଂଶ ତଥା ଫଟୋ ମନୋନୟନ ଫର୍ମ ସହିତ ସଂଲଗ୍ନ କରିପାରିବେ । ଏହା ସହିତ ଆବେଦନକାରୀ କୌଣସି ଫୌଜଦାରୀ ମାମଲାରେ ଦଣ୍ଡିତ ହୋଇ ନଥିବା ଲିଖିତଭାବେ ଜଣାଇବେ ।